# NATIONAL NEWS BULLETIN (ODIA)

**3 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାଂସ୍କୃତିକ ଦୃଷ୍ଟିକୋଣରୁ ଜନଜାତି ସଂପ୍ରଦାୟ ସମୃଦ୍ଧ ବୋଲି କହିଲେ ରାଷ୍ଟ୍ରପତି ।
- ଯୁକ୍ତରାଷ୍ଟ୍ର ଆମେରିକାକୁ ଅତିକ୍ରମ କରି ଭାରତ ହେଲା ବିଶ୍ୱର ଦ୍ୱିତୀୟ ବୃହତ୍ତମ ସୌରଶକ୍ତି ଅଭିବୃଦ୍ଧି ବଜାର ।
- ଦିଲ୍ଲୀର ମାଲବ୍ୟୟ ନଗରରେ ଅଗ୍ନିକାଣ୍ଡ ଘଟି ୨୧ ମୃତ ।
- କର୍ଣ୍ଣାଟକର ୨୫ତମ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେବେ ଡିକେ ଶିବକୁମାର ।

ଏବଂ

- ପୁରୀରେ ଆଜିଠାରୁ ଆରମ୍ଭ ହେଲା ବ୍ରିକ୍ସ ରାଷ୍ଟ୍ର ସମୂହର ଦ୍ୱିତୀୟ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକ ।

---

## ପ୍ରେଜ୍-ଟ୍ରାଇବାଲ କନ୍‌କ୍ଲେଭ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ସମନ୍ୱିତ ଜନଜାତି ବିକାଶ ସଂସ୍ଥା ଓ ପ୍ରକଳ୍ପ ଗୁଡ଼ିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏକ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି

ଦେଶର ବିଭିନ୍ନ ସ୍ଥାନରେ ରହୁଥିବା ଜନଜାତି ସଂପ୍ରଦାୟର ଲୋକମାନେ ସାଂସ୍କୃତିକ ଦୃଷ୍ଟିକୋଣରୁ ସମୃଦ୍ଧ । ସେମାନଙ୍କୁ ଆଗେଇ ନେବା ଦିଗରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି ବିକାଶ' ଜନଜାତି ସଂପ୍ରଦାୟର ସମସ୍ତ ଲୋକଙ୍କ ନିକଟରେ ପହଞ୍ଚିବା ଜରୁରୀ । ଜନଜାତି ସଂପ୍ରଦାୟର ଏବେବି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କ ନିକଟରେ ସରକାରଙ୍କ ବିଭିନ୍ନ ଯୋଜନା ପହଞ୍ଚି ପାରିନଥିବାରୁ ଶ୍ରୀମତୀ ମୁର୍ମୁ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

**V/O (PREZ-ON-ROADMAP)**

ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ହେଉଥିବା ଏହି ସମ୍ମିଳନୀ ଜନଜାତୀୟ ଗରିମା ଉତ୍ସବ ୨୦୨୬ର ଅଂଶ । ଦେଶବ୍ୟାପୀ ଜନଜାତି ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତିଷ୍ଠାନ ଗୁଡ଼ିକର କାର୍ଯ୍ୟଶୈଳୀକୁ ସୁଦୃଢ଼ କରିବା, ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବା ତଥା ଏ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳଭିତ୍ତିକ ସେବା ଯୋଗାଇଦେବା ଆଦି ପ୍ରସଙ୍ଗ ଉପରେ ଏହି ସମ୍ମିଳନୀରେ ଆଲୋଚନା କରାଯିବ । ଏହି ସମ୍ମିଳନୀରେ ୨୬ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି ।

## ପ୍ରହ୍ଲାଦ-ସୋଲାର ଏନର୍ଜି

ଭାରତ' ଯୁକ୍ତରାଷ୍ଟ୍ର ଆମେରିକାର ବାର୍ଷିକ ସୌରଶକ୍ତି କ୍ଷମତା ଅତିକ୍ରମ କରି ୨୦୨୫ ମସିହାରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସୌରଶକ୍ତି ଅଭିବୃଦ୍ଧି ବଜାର

ହୋଇପାରିଛି । ଭାରତରେ ଉଲ୍ଲେଖନୀୟ ଭାବେ ୧୫୫ ଗିଗାୱାଟ ସୌରକ୍ଷମତା ସମ୍ପନ୍ନ ୟୁନିଟ୍ ସ୍ଥାପନ କରାଯାଇପାରିଛି । ଫଳରେ ଦେଶର ୫୦ ପ୍ରତିଶତ ଅଣଜୀବାସ୍ମ ଇନ୍ଧନ କ୍ଷମତା ଲକ୍ଷ୍ୟ ପୂରଣ କରାଯାଇ ପାରିଛି । ଏହାମଧ୍ୟ ଜାତୀୟ ଶକ୍ତି ଉତ୍ପାଦନରେ ଉଲ୍ଲେଖନୀୟ ଅଂଶଗ୍ରହଣ କରିପାରିଛି । ପିଏମ୍ ସୂର୍ଯ୍ୟଘର-ମାଗଣା ବିଜୁଳି ଯୋଜନା ଫଳରେ ୪୦ଲକ୍ଷରୁ ଉର୍ଦ୍ଧ୍ୱ ପରିବାରର ଜୀବନଶୈଳୀରେ ପରିବର୍ତ୍ତନ ଆସିପାରିଛି । ସେମାନେ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରି ମାଗଣା ବିଜୁଳି ବ୍ୟବହାର କରୁଛନ୍ତି । ସୌରଶକ୍ତିର ସଫଳତା ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି ଦେଶର ସୌର ଅଭିବୃଦ୍ଧି ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକ୍ରମେ ଭାରତର ସ୍ୱଚ୍ଛଶକ୍ତି ରୂପାନ୍ତରଣ ତ୍ୱରାନ୍ୱିତ ହୋଇପାରିଛି ଏବଂ ଶକ୍ତି ସୁରକ୍ଷା ସୁଦୃଢ଼ ହୋଇପାରିଛି । ଫଳରେ ପୁନଃ ନବୀକରଣ ଦିଗରେ ଭାରତ ବିଶ୍ୱରେ ନେତୃତ୍ୱ ନେଇପାରିଛି ।

## ଏସ୍‌ସି-ଆରାବଳି କମିଟି

ସୁପ୍ରିମକୋର୍ଟ ଆରାବଳୀ ପର୍ବତଶ୍ରେଣୀର ପରିଭାଷା ଏବଂ ସୀମା ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ରିପୋର୍ଟର ସମୀକ୍ଷା କରିବା ଲାଗି ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଛନ୍ତି । ଭାରତୀୟ

ଜଙ୍ଗଲ ଗବେଷଣା ଏବଂ ଶିକ୍ଷା ପରିଷଦର ମହାନିର୍ଦ୍ଦେଶକ କାଞ୍ଚନ ଦେବୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି । ଚଳିତବର୍ଷ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଏହି ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ କରିବା ଲାଗି କମିଟିକୁ ନିର୍ଦ୍ଦେଶ ଦିଆଯାଇଛି । ଆରାବଳୀ ପର୍ବତଶ୍ରେଣୀର ସୁରକ୍ଷା ସଂକ୍ରାନ୍ତରେ ନିରପେକ୍ଷ ଏବଂ ବିଜ୍ଞାନଗତ ଆକଳନ କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ସିବିଏସ୍ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସିବିଏସ୍ଇ ପକ୍ଷରୁ କୁହାଯାଇଛି ପ୍ରାୟ ୪୦ହଜାର ଛାତ୍ରଛାତ୍ରୀ ସଫଳତାର ସହ ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିଛନ୍ତି । କୌଣସି ପ୍ରତିବନ୍ଧକ ବିନା ସେମାନଙ୍କର ଆବେଦନ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ସିବିଏସ୍ଇ ପକ୍ଷରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତର ପୁସ୍ତିକାର ସ୍କାନ୍ କପି ପ୍ରଦାନ ଏବଂ ପୁନଃ ମୂଲ୍ୟାୟନ ପାଇଁ ଅନ୍‌ଲାଇନ୍ ପୋର୍ଟାଲ ଖୋଲା ହୋଇଥିଲା । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସିବିଏସ୍ଇ ପକ୍ଷରୁ କୁହାଯାଇଛି ଏସ୍‌ବିଆଇ, କାନାରାବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଏବଂ ଇଣ୍ଡିଆନ୍ ବ୍ୟାଙ୍କ ମାଧ୍ୟମରେ ପେମେଣ୍ଟ ଦେଣନେଣ ବ୍ୟବସ୍ଥା କରାଯାଇଛି । ସେହିପରି ୟୁପିଆଇ, ନେଟ୍ ବ୍ୟାଙ୍କିଂ,

କ୍ରେଡିଟ କାର୍ଡ ଏବଂ ଡେବିଟ୍ କାର୍ଡ ମାଧ୍ୟମରେ ମଧ୍ୟ ଅନ୍‌ଲାଇନ୍ ପେମେଣ୍ଟ ବ୍ୟବସ୍ଥା କରିପାରିବେ ବୋଲି ସିବିଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି ।

# କର୍ଣ୍ଣାଟକ ସିଏମ୍-ଶିବକୁମାର

କର୍ଣ୍ଣାଟକ କଂଗ୍ରେସ ବିଧାୟକ ଦଳ ନେତା ଡିକେ ଶିବକୁମାର ଆଜି ବେଙ୍ଗାଲୁରୁଠାରେ ଅପରାହ୍ଣରେ ୨୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ । ରାଜ୍ୟପାଳ ଥାୱାରଚାନ୍ଦ ଗେହଲଟ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ପୂର୍ବତନ ଗୃହମନ୍ତ୍ରୀ ଡକ୍ଟର ଜି. ପରମେଶ୍ୱର ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ । ପାଖାପାଖି ୧୦ଜଣ ବିଧାୟକ ମଧ୍ୟ ଆଜି ମନ୍ତ୍ରୀରୂପେ ଶପଥଗ୍ରହଣ କରିବେ । ଶପଥଗ୍ରହଣ ସମାରୋହରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ, ଜାତୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, କଂଗ୍ରେସ ସାଧାରଣ ସଂପାଦକ କେ.ସି. ବେଣୁଗୋପାଳ, ରଣଦୀପ ସିଂହ ସୂର୍ଯ୍ୟବାଲା ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଦିଲ୍ଲୀ ଫାୟାର

ଦିଲ୍ଲୀର ମାଳବୀୟନଗରସ୍ଥିତ ଏକ ହୋଟେଲରେ ଆଜି ସକାଳେ ଅଗ୍ନିକାଣ୍ଡ ଘଟି ୧୦ଜଣଙ୍କର ମୃତ୍ୟୁ ଘଟିଛି । ଦିଲ୍ଲୀ ଅଗ୍ନିଶମ ସେବା ପକ୍ଷରୁ ମିଳିଥିବା

ସୂଚନା ଅନୁଯାୟୀ ୧୫ଟି ଅଗ୍ନି ନିର୍ବାପକ ଦଳ ଘଟଣାସ୍ଥଳକୁ ଯାଇ ନିଆଁକୁ ନିୟନ୍ତ୍ରଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ' ପ୍ରଭାବିତ ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାଲାଗି ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ପ୍ରତ୍ୟେକ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ଲେଖାଏଁ  ସହାୟତା ରାଶି ଘୋଷଣା କରିଛନ୍ତି । ସେହିପରି ଆହତମାନଙ୍କୁ ୫୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି । ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ ଅଗ୍ନିକାଣ୍ଡ ଘଟଣାରେ ଦଃୁଖପ୍ରକାଶ କରିଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ଏହି ଘଟଣାରେ ଦୁଃଖପ୍ରକାଶ କରିବା ସହ ରାଜ୍ୟ ସରକାର ପରିସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖିଥିବା ପ୍ରକାଶ କରିଛନ୍ତି । ଦୁର୍ଘଟଣାରେ ଆହତ ଲୋକମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସହାୟତା ଯୋଗାଇ ଦେବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି ।

## ଭିପି-ଭିଭିଏସ୍ ଆୟାର

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ' ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ତଥା ଲେଖକ ଭିଭିଏସ୍ ଆୟାରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କପ୍ରତି

ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି ଆୟାର ଜଣେ ନିର୍ଭୀକ ଦେଶପ୍ରେମୀ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମ ଦିଗରେ ସେ ତାଙ୍କ ସାରା ଜୀବନ ଉତ୍ସର୍ଗ କରିଥିଲେ । ସେ ତାଙ୍କର ଲେଖା ଏବଂ ଅନୁବାଦ ଜରିଆରେ ତାମିଲ ସାହିତ୍ୟକୁ ସମୃଦ୍ଧ କରିଥିଲେ । ତାଙ୍କର ସାହସ, ବୁଦ୍ଧିମତା ଏବଂ ଜାତିପ୍ରତି ପ୍ରତିବଦ୍ଧତା ଆଗାମୀ ପୀଢ଼ିକୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ରାଧାକୃଷ୍ଣନ କହିଛନ୍ତି ।

## ଡବ୍ଲ୍ୟୁବି-ଟିଏମ୍‌ସି ସ୍ପ୍ଲିଟ୍

ପଶ୍ଚିମବଙ୍ଗର ପୂର୍ବତନ ଶାସକ ଦଳ ତୃଣମୂଳକ କଂଗ୍ରେସରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଟିଏମ୍‌ସିର ବହିଷ୍କୃତ ବିଧାୟକ ରିତାବ୍ରତ ବାନାର୍ଜୀ ଦାବି କରିଛନ୍ତି ଯେ, ତାଙ୍କପ୍ରତି ୬୦ଜଣ ବିଧାୟକଙ୍କ ସମର୍ଥନ ରହିଛି । ସେ ବାଚସ୍ପତି ରଥୀନ୍ଦ୍ର ବୋଷଙ୍କୁ ଲେଖି ତାଙ୍କର ପ୍ରକୃତ ଟିଏମ୍‌ସି ବୋଲି କହିଛନ୍ତି । ଅନ୍ୟପକ୍ଷରେ ଟିଏମ୍‌ସି’ ଦଳର ନେତାଭାବେ ଶୋଭନଦେବ ଚଟୋପାଧ୍ୟାୟଙ୍କୁ ଘୋଷଣା କରିଛି । ସେହିପରି ଅସୀମା ପାତ୍ର ଏବଂ ନୟନା ବନ୍ଦୋପାଧ୍ୟାୟଙ୍କୁ ଉପନେତା ଏବଂ ଫିର୍‌ହାଦ ହାକିମଙ୍କୁ ମୁଖ୍ୟ ହ୍ୱିପ୍ ଭାବେ ଘୋଷଣା କରିଛି ।

# ୱାର୍ଲ୍ଡ ବାଇସାଇକଲ ଡେ

ଆଜି ହେଉଛି ବିଶ୍ୱ ସାଇକଲ ଦିବସ । ପ୍ରତିବର୍ଷ ଜୁନ୍ ୩ ତାରିଖରେ ଏହି ଦିବସ ପାଳନ କରାଯାଏ । ପରିବେଶ ପ୍ରଦୂଷଣମୁକ୍ତ, ସ୍ୱାସ୍ଥ୍ୟ ଏବଂ ସହଜରେ ପରିବହନକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ କରାଯାଇଥାଏ । ସହଜରେ ଉପଲବ୍ଧ, ବିଶ୍ୱସନୀୟ, ପରିବେଶ ଅନୁକୂଳ ଦୃଷ୍ଟିକୋଣରୁ ଜାତିସଂଘ ସାଧାରଣ ପରିଷଦରେ ଏହି ଦିବସ ପାଳନ ନେଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ସବୁଜ ଭବିଷ୍ୟତ ପାଇଁ ସାଇକଲ ଚାଳନା' । ଅଙ୍ଗାରକାମ୍ଳ ଉଦ୍‌ଗିରଣ ଏବଂ ଟ୍ରାଫିକ ଭିଡ଼ ହ୍ରାସ ଓ ସୁସ୍ଥ ସହରାଞ୍ଚଳ ପରିବେଶ ସୃଷ୍ଟି ଦିଗରେ ସାଇକଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଦେଶର ଯୁବବର୍ଗମାନଙ୍କୁ ସାଇକଲ ଚାଳନା ପ୍ରତି ଆଗ୍ରହ ପ୍ରକାଶ କରିବା ଲାଗି ଆହ୍ୱାନ ଦେଇଛନ୍ତି । ଏହା ଏକ ସୁସ୍ଥ ଏବଂ ସବୁଜ ରାଷ୍ଟ୍ର ଗଠନ ଦିଗରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି । ବିଶ୍ୱ ସାଇକଲ ଦିବସ ଅବସରରେ ଏକ ଭିଡ଼ିଓ ବାର୍ତ୍ତାକୁ ସେୟାର କରି ଶ୍ରୀ ମାଣ୍ଡବୀୟ କହିଛନ୍ତି ଏକ ସୁସ୍ଥ, ସ୍ୱଚ୍ଛ ଏବଂ ଦୀର୍ଘସ୍ଥାୟୀ ପରିବେଶ ସୃଷ୍ଟି ଦିଗରେ ସାଇକଲ ଚାଳନାକୁ ନିୟମିତ ଏକ ଅଭ୍ୟାସରେ ପରିଣତ କରିବା ସହ ଏକ ଶୃଙ୍ଖଳିତ ଜୀବନଶୈଳୀ ଆପଣାଇବାକୁ କହିଛନ୍ତି ।

**V/O (Mansukh Mandaviya_**

# ପ୍ରହ୍ଲାଦ-ସୋଲାର ଏନର୍ଜି

ଭାରତ' ଯୁକ୍ତରାଷ୍ଟ୍ର ଆମେରିକାର ବାର୍ଷିକ ସୌରଶକ୍ତି କ୍ଷମତା ଅତିକ୍ରମ କରି ୨୦୨୫ ମସିହାରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସୌରଶକ୍ତି ଅଭିବୃଦ୍ଧି ବଜାର ହୋଇପାରିଛି । ଭାରତରେ ଉଲ୍ଲେଖନୀୟ ଭାବେ ୧୫୫ ଗିଗାୱାଟ ସୌରକ୍ଷମତା ସମ୍ପନ୍ନ ୟୁନିଟ୍ ସ୍ଥାପନ କରାଯାଇପାରିଛି । ଫଳରେ ଦେଶର ୫୦ ପ୍ରତିଶତ ଅଣଜୀବାସ୍ମ ଇନ୍ଧନ କ୍ଷମତା ଲକ୍ଷ୍ୟ ପୂରଣ କରାଯାଇ ପାରିଛି । ଏହାମଧ୍ୟ ଜାତୀୟ ଶକ୍ତି ଉତ୍ପାଦନରେ ଉଲ୍ଲେଖନୀୟ ଅଂଶଗ୍ରହଣ କରିପାରିଛି । ପିଏମ୍ ସୂର୍ଯ୍ୟଘର-ମାଗଣା ବିଜୁଳି ଯୋଜନା ଫଳରେ ୪୦ଲକ୍ଷରୁ ଊର୍ଦ୍ଧ୍ୱ ପରିବାରର ଜୀବନଶୈଳୀରେ ପରିବର୍ତ୍ତନ ଆସିପାରିଛି । ସେମାନେ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରି ମାଗଣା ବିଜୁଳି ବ୍ୟବହାର କରୁଛନ୍ତି । ସୌରଶକ୍ତିର ସଫଳତା ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି ଦେଶର ସୌର ଅଭିବୃଦ୍ଧି ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକ୍ରମେ ଭାରତର ସ୍ୱଚ୍ଛଶକ୍ତି ରୂପାନ୍ତରଣ ତ୍ୱରାନ୍ୱିତ ହୋଇପାରିଛି ଏବଂ ଶକ୍ତି ସୁରକ୍ଷା ସୁଦୃଢ଼ ହୋଇପାରିଛି । ଫଳରେ ପୁନଃ ନବୀକରଣ ଦିଗରେ ଭାରତ ବିଶ୍ୱରେ ନେତୃତ୍ୱ ନେଇପାରିଛି ।